# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**18 May - 2026**

**********************************

## ମୁଖ୍ୟ ସମ୍ବାଦ

- ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟାଳୟଠାରେ ଜାରି ରହିଛି ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ
- ଭୁବନେଶ୍ୱରରେ ଆସନ୍ତାକାଲି ଅନୁଷ୍ଠିତ ହେବ ପୂର୍ବାଞ୍ଚଳ କୃଷି ସମ୍ମିଳନୀ; ଯୋଗଦେବେ କେନ୍ଦ୍ର କୃଷି ମନ୍ତ୍ରୀ
- ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫର୍ମପୂରଣ ଅବଧି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

ସ୍ୱଏବଂ

- ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ରର ଅନୁମାନ

# ନୀତିନ ନବୀନ

ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ବିଭିନ୍ନ ମୋର୍ଚ୍ଚା ସଭାପତି ଓ ମନ୍ତ୍ରି ପରିଷଦର ସଦସ୍ୟମାନେ ଉପସ୍ଥିତ ଅଛନ୍ତି। ପୁରୀରୁ ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀ ନବୀନ ବୈଠକରେ ଯୋଗ ଦେଇଛନ୍ତି। ପୂର୍ବରୁ ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଶ୍ରୀ ନବୀନଙ୍କ ଅଧ୍ୟକ୍ଷତାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଂଗଠନିକ କାର୍ଯ୍ୟଧାରା ଓ ଓଡ଼ିଶାର ଆର୍ଥିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇ ଶ୍ରୀ ନବୀନ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ରାଜ୍ୟର ପ୍ରତ୍ୟେକ ଘରେ ପହଁଞ୍ଚିବା ଆବଶ୍ୟକ। ସୁଭଦ୍ରା, ଆୟୁଷ୍ମାନ ଏବଂ ସମବାୟ କଲ୍ୟାଣ ଯୋଜନାଗୁଡ଼ିକରୁ ଯୋଗ୍ୟ ହିତାଧିକାରୀମାନେ ସିଧାସଳଖ ଲାଭ ଉଠାଇବା ଜରୁରୀ ବୋଲି ଶ୍ରୀ ନବୀନ ଗୁରୁତ୍ୱାରୋପ କରିଥିଲେ। ବୈଠକ ପରେ ଶ୍ରୀ ନବୀନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

PIB

## କୃଷି ସମ୍ମିଳନୀ

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜନ କରାଯିବ। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେବେ। କୃଷି କ୍ଷେତ୍ରର ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା ସହ କୃଷି କ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯିବ। ସମ୍ମିଳନୀରେ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସମ୍ମିଳନୀ ପରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିବେ।

Desk

## ହାଇକୋର୍ଟ ଭର୍ଚୁଆଲ ମୋଡ୍

ସୁପ୍ରିମକୋର୍ଟଙ୍କ ପରେ ଓଡ଼ିଶା ହାଇକୋର୍ଟ ଭର୍ଚୁଆଲ ମୋଡ୍‌ରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଆସନ୍ତାକାଲି ଏବଂ ୨୧ ତାରିଖ ଦିନ ଭର୍ଚୁଆଲ ମୋଡରେ ହାଇକୋର୍ଟ ଚାଲିବ।  ଏହା ସହିତ ଗ୍ରୀଷ୍ମ ଅବକାଶକାଳୀନ କୋର୍ଟ ମଧ୍ୟ ଭର୍ଚୁଆଲ ମୋଡ୍‌ରେ ହେବ। ଏହି ସମୟରେ ୫୦ ପ୍ରତିଶତ କର୍ମଚାରୀ କୋର୍ଟରେ ଉପସ୍ଥିତ ରହିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

Desk

## ସେବି କାର୍ଯ୍ୟାଳୟ

ପୁଞ୍ଜିବଜାର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ– ସେବି’ର ଶାଖା କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲିବ। ଏ ନେଇ ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ ସୂଚନା ଦେଇଛନ୍ତି। ସେବିର ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଏହି କେନ୍ଦ୍ର କାର୍ଯ୍ୟ କରିବ ଏବଂ ନିବେଶକମାନଙ୍କ ଅଭିଯୋଗର ସମାଧାନ, ସଚେତନତା କାର୍ଯ୍ୟକ୍ରମ, ସହାୟତା ଏବଂ ସ୍ଥାନୀୟ କ୍ଷେତ୍ରରେ ସମନ୍ୱୟକୁ ଗୁରୁତ୍ୱ ଦେବ। ନୂତନ ଶାଖା ଓଡ଼ିଶାରେ ନିବେଶକଙ୍କ ସମେତ ଅଂଶୀଦାରମାନଙ୍କ ଅଧିକ ଯୋଗାଦାନ ସହ ଆର୍ଥିକ ବଜାରରେ ଓଡ଼ିଶାର ଯୋଗଦାନକୁ ନିୟନ୍ତ୍ରିତ କରିବ ବୋଲି ଜଣାପଡ଼ିଛି।

Desk

## ତୈଳ ଯୋଗାଣ ବୈଠକ

ରାଜ୍ୟରେ ତୈଳ ଯୋଗାଣ ସ୍ଥିତିକୁ ନେଇ ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ଶ୍ରୀମତୀ ଗର୍ଗ କହିଛନ୍ତି, ରାଜ୍ୟରେ ତୈଳ ସଂକଟ ନାହିଁ, ବେଆଇନ ମହଜୁଦକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୁଖ୍ୟ ଶାସନ ସଚିବ ଜନସାଧାରଣଙ୍କୁ ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛନ୍ତି ।

**- V/O –**

Desk

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମପୂରଣର ଅବଧିକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି । ଫର୍ମପୂରଣର ଅବଧି ଆଜି ଶେଷ ହେବାର ଥିଲା । ଜୁଲାଇ ମାସ ପ୍ରଥମ ସପ୍ତାହରେ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।

Desk

## ସିଏଚ୍‌ଏସ୍‌ଇ ରେଜଲ୍ଟ

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ– ସି.ଏଚ୍.ଏସ୍.ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତା ବୁଧବାର ଦିନ ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ସେହିଦିନ ପ୍ରକାଶ ପାଇବ। ପରୀକ୍ଷାର୍ଥୀମାନେ ସି.ଏଚ୍.ଏସ୍.ଇ. ୱେବସାଇଟ୍ orissaresults.nic.in ରେ ପରୀକ୍ଷାଫଳ ଦେଖିପାରିବେ। ଚଳିତ ବର୍ଷ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେଇଛନ୍ତି।

Malkangiri

## ଲୋକ ଅଦାଲତ

ସୁପିମ୍ରକୋର୍ଟର ଆସନ୍ତା ଅଗଷ୍ଟ ମାସ ୨୧, ୨୨ ଏବଂ ୨୩ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଲୋକ ଅଦାଲତରେ ଅଂଶଗ୍ରହଣ କରିବାକୁ ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି। ଏହି ସମାଧାନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ଆବେଦନକାରୀ କିମ୍ବା ସେମାନଙ୍କ ଓକିଲ ସୁପ୍ରିମକୋର୍ଟର ସରକାରୀ ୱେବସାଇଟ୍ www.sci.gov.inରେ ଆସନ୍ତା ୩୧ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ।

BBSR/R

## ଦକ୍ଷତା କର୍ମଶାଳା

ରାଜ୍ୟର କ୍ରମବିକଶିତ ସହରାଞ୍ଚଳ ଶାସନ ଗଠନ ତନ୍ତ୍ର ଏବଂ ନାଗରିକ କୈନ୍ଦ୍ରୀକ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଧାରଣା ପ୍ରଦାନ ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା କ୍ୟାଡରର ୨୦୨୫ ବ୍ୟାଚ୍‌ର ୬ ଜଣ ଆଇ.ଏ.ଏସ୍. ପ୍ରୋବେଶନାଲଙ୍କ ଦକ୍ଷତା କର୍ମଶାଳା ଆୟୋଜିତ ହୋଇଯାଇଛି । ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ କାର୍ଯ୍ୟକଳାପ, ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଦ୍ରୁତ ସହରୀକରଣର ଆହ୍ୱାନର ମୁକାବିଲା ଏବଂ ହିତାଧିକାରୀ କୈନ୍ଦ୍ରୀକ ଶାସନର ଆବଶ୍ୟକତା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା ।

BHK

## ଏସ୍.ଆଇ.ଆର ବୈଠକ

ଭଦ୍ରକ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏସ୍.ଆଇ.ଆର୍-୨୦୨୬ ସମ୍ପର୍କିତ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଭୋଟର ତାଲିକାରେ ସ୍ୱଚ୍ଛତା

ବଜାୟ ରଖିବା ସହିତ ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

Nuapada

## ଜନଭାଗିଦାରୀ ଅଭିଯାନ

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ କେନ୍ଦ୍ର ସରକାରଙ୍କ ଜନଭାଗିଦାରୀ ଅଭିଯାନ 'ସବ୍‌ସେ ଦୂର ସବ୍‌ସେ ପହଲା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ  ସମସ୍ତ ୨୮୫ଟି ଗ୍ରାମରେ ସଚେତନତା ଶିବିର, ଅଭିଯୋଗ ଗ୍ରହଣ, ମାଗଣା ସ୍ୱାସ୍ଥ୍ୟ ଶିବିର ଆଦି କରାଯିବ ।

Kalahandi

## ପେଟ୍ରୋଲ ପମ୍ପ ଚଢ଼ଉ

କଳାହାଣ୍ଡି ଜିଲ୍ଲାରେ ତୈଳ ଯୋଗାଣ ବିତରଣରେ ଅନିୟମିତତା ହେଉଥିବା ଅଭିଯୋଗ ପରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସହର ବିଭିନ୍ନ ପେଟ୍ରୋଲ ପମ୍ପ ଉପରେ ଚଢ଼ଉ କରାଯାଇଛି । ତୈଳ ମହଜୁଦକାରୀ ଓ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ୧୯୫୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଛନ୍ତି ।

Ganjam

## ଛତ୍ରପୁର ମହୋତ୍ସବ

ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ଚାଲିଥିବା ଆରାଧ୍ୟଦେବୀ ମା’ ରାମାୟାଣାମା ଠାକୁରାଣୀ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଛତ୍ରପୁର ମହୋତ୍ସବ ସ୍ଥାନୀୟ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲାପାଳ ଭୀ.କୀର୍ତ୍ତିଭାସନ୍‌ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ଆସନ୍ତା ଜୁନ୍ ପହିଲାରୁ ୫ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ମହୋତ୍ସବ ଚାଲିବ। ମହୋତ୍ସବରେ ୧୫୦ଟି ଷ୍ଟଲ୍ ଖୋଲାଯିବ। ୩୦ଟି ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ।

Jajpur/Deogarh/M.Giri/R.gada/N.garh

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

ରାୟଗଡ଼ା ଜିଲ୍ଲା ଗୁଡ଼ରୀ ବ୍ଲକ ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ୍ ୩୧ଟି ଅଭିଯୋଗର ଶୁଣାଣି କରାଯାଇଛି।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକରେ ଅନୁଷ୍ଠିତ ଶିବିରରେ ମୋଟ୍ ୮୪ଟି ଅଭିଯୋଗର ଶୁଣାଣି କରାଯାଇ ୨୧ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା।

ମାଲକାନଗିରି ବ୍ଲକ ବିଏଲପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୋଟ୍ ୨୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରିବା ସହ ବିଏଲ୍‌ପୁରସ୍ଥିତ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ।

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ତାବଡ଼ା ଗ୍ରାମ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ୬୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୯୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୨୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

MET

# ପାଣିପାଗ

ରାଜ୍ୟରେ କିଛି ଦିନର ବ୍ୟବଧାନ ପରେ ଦିନର ତାପମାତ୍ରା ପୁଣିଥରେ ବୃଦ୍ଧି ପାଇଛି। ବିଶେଷ କରି ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ଆଜି ଅପରାହ୍ନ  ବୌଦ୍ଧରେ ସର୍ବାଧିକ ଦିନ ତାପମାତ୍ରା ୪୨

ଦଶମିକ ୯ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ।

ଅପରପକ୍ଷରେ ରାଜ୍ୟର କେତେକ ଜିଲ୍ଲାରେ କାଳବୈଶାଖୀ ଓ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

English Pool

## ଆୟୁଷ ଆଡଭାଇଜରୀ– ହିଟ୍‌ୱେଭ୍

ଚଳିତ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗରମ ଏବଂ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆଜି ଏକ ବ୍ୟାପକ ଜନସ୍ୱାସ୍ଥ୍ୟ ପରାମର୍ଶବଳୀ ଜାରି କରାଯାଇଛି। ପରାମର୍ଶବଳୀରେ ପର୍ଯ୍ୟାପ୍ତ ପରିମାଣର ଜଳପାନ, ପ୍ରଖର ସୂର୍ଯ୍ୟକିରଣରୁ ଦୂରେଇ ରହିବା, ହାଲୁକା ସୂତା ପୋଷାକ ପରିଧାନ ଏବଂ କାକୁଡ଼ି, ତରଭୁଜ ଭଳି ଋତୁକାଳୀନ ଫଳ ତଥା ପାନୀୟ ସେବନ ଉପରେ ଗୁରୁତ୍ୱାରୋପ କରାଯାଇଛି। ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା, ବାନ୍ତି ଲାଗିବା, ମାନସିକ ଅସ୍ଥିରତା, ଶରୀରର ତାପମାତ୍ରା ବୃଦ୍ଧି, ଶରୀରରେ ଜଳୀୟଅଂଶ କମିଯିବା, ଅଚେତ ହେବା ଭଳି ଲକ୍ଷଣ ପ୍ରତି ସତର୍କ ରହିବାକୁ ଲୋକମାନଙ୍କୁ ସଚେତନ କରାଯାଇଛି। ଅଂଶୁଘାତକୁ ଏକ ଜରୁରୀକାଳୀନ ପରିସ୍ଥିତି ଭାବେ ଚିହ୍ନଟ କରାଯାଇ

ତୁରନ୍ତ ଚିକିତ୍ସା ପ୍ରଦାନ ବ୍ୟବସ୍ଥା କରାଯାଇଛି। ଅଂଶୁଘାତ ଜନିତ ପରିସ୍ଥିତିରେ ଲୋକମାନଙ୍କୁ ହେଲ୍ପ ଲାଇନ୍ ନମ୍ବର ୧୦୮ ଏବଂ ୧୦୨କୁ କଲ୍ କରିବାକୁ ପରାମର୍ଶ ଦିଆଯାଇଛି। ଶିଶୁ, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ବାହାରେ କାମ କରୁଥିବା ଶ୍ରମିକ ଏବଂ ହୃଦ୍‌ରୋଗ ତଥା ଉଚ୍ଚ ରକ୍ତଚାପ ଭଳି ଦୀର୍ଘକାଳୀନ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ଗ୍ରୀଷ୍ମ ପ୍ରକୋପରୁ ଦୂରେଇ ରହିବାକୁ କୁହାଯାଇଛି।